# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଯୀଶୁଙ୍କ ନିମନ୍ତେ ଏକ ଭୟଂଙ୍କର ସମୟ

ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଉପଯୋଜକ: M. Maillot; Sarah S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2014 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯେତେବେଳେ ଯୀଶୁଖ୍ରୀଷ୍ଟ ବାପ୍ତିଷ୍ମ
ନେଲେ, ପରମେଶ୍ୱର କଥା
କହିଲେ । ସେ କହିଲେ, ଏହା
ମୋହର ପ୍ରିୟ ପୁତ୍ର. ଏହାଠାରେ
ଆମ୍ଭର ପରମ ସନ୍ତୋଷ ।
ପରମେଶ୍ୱରଙ୍କ ଠାରୁ ପବତ୍ରାତ୍ମା
ଗୋଟିଏ କାପ୍ତା ରୁପରେ ଯୀଶୁଙ୍କ
ଉପରେ ଅବତରଣ କଲା ।





ବାପ୍ତିଷ୍ମ ନେବାର କିଛି ସମୟ
ମଧ୍ୟରେ ପବିତ୍ରାତ୍ମା ଯୀଶୁଖ୍ରୀଷ୍ଟଙ୍କୁ
ମରୁଭୂମି ସ୍ଥାନକୁ ନେଇଗଲେ ।
ସେଠାରେ ଯୀଶୁ ଏକାକି ଥିଲେ ।

ଯୀଶୁ ସେଠାରେ ଚାଳିଶ ଦିନ ପର୍ଯ୍ୟନ୍ତ ଉପବାସ କଲେ । ତାହାର ଅର୍ଥ ସେ କିଛି ଖାଦ୍ୟ ଖାଇଲେ ନାହିଁ । ସେ ଅତ୍ୟଧିକ ଭୋକ ଅନୁଭବ କଲେ ।



ବାଇବଲ୍ କହେ ଯେ ସେଠାରେ ବନ୍ୟ ଜନ୍ତୁମାନେ ମଧ୍ୟ ଥିଲେ ।



ଶୟତାନ ଯୀଶୁଙ୍କୁ  ପରିକ୍ଷା କରିବା ନିମନ୍ତେ ଆସିଲା । ବହୁ ପୂର୍ବରୁ, ସେ ଆଦମ ଓ ହବାଙ୍କୁ ସେହି ଏଦନ ଉଦ୍ୟାନରେ ପରମେଶ୍ୱରଙ୍କୁ ଅବାଧ୍ୟ ହେବା ନିମନ୍ତେ ପରିକ୍ଷା କରିଥିଲା । ବର୍ତ୍ତମାନ୍ ଯୀଶୁ ପରିକ୍ଷିତ ହେବେ ।







ଶୟତାନ ସେହି ପରମେଶ୍ୱରଙ୍କ
ପୁତ୍ର ଯୀଶୁଙ୍କୁ ମଧ୍ୟ ପରିକ୍ଷା
କରିବାକୁ ଚେଷ୍ଟା କରିବ ।



ତୁମେ ଯଦି ପରମେଶ୍ୱରଙ୍କ ପୁତ୍ର, ଶୟତାନ କହିଲା, ଏହି ପଥରକୁ ରୋଟି ହେବାକୁ ଆଜ୍ଞା କର । ସେ ଜାଣିଥିଲା ଯେ ଯୀଶୁଙ୍କୁ ଭୋକ ଲାଗୁଅଛି । ସେ ଏହା ମଧ୍ୟ ଜାଣିଥିଲା ଯେ ପରମେଶ୍ୱରଙ୍କ ପୁତ୍ର ପଥରକୁ ମଧ୍ୟ ରୋଟି କରିଦେଇ ପାରନ୍ତି । ଯୀଶୁ କି ଶୟତାନର କଥା ମାନିଲେ ?

ନୁହେଁ! ଯୀଶୁ ଶୟତାନର କଥା ମାନିଲେ ନାହିଁ । ବଦଳରେ ଯୀଶୁ ପରମେଶ୍ୱରଙ୍କ ବାକ୍ୟରେ ଶୟତାନକୁ ଉତ୍ତର ଦେଲେ । ମନୁଷ୍ୟ କେବଳ ରୋଟିରେ ବଞ୍ଚିବ ନାହିଁ, ମାତ୍ର ଇଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟକ ବାକ୍ୟରୁ ବଞ୍ଚିବ ।



ଶୟତାନ ଯୀଶୁଙ୍କୁ ବଡ଼ ସହର ଯିରୁଶାଲମକୁ ନେଇଗଲା, ସେହି ପବିତ୍ର ମନ୍ଦିରକୁ ଯେଉଁଠାରେ କି ଲୋକମାନେ ପରମେଶ୍ୱରଙ୍କର ଉପାସନା କରୁଥିଲେ । ଏହାପରେ ଶୟତାନ କଅଣ କରିପାରେ?



ଯଦି ତୁମେ ପରମେଶ୍ୱରଙ୍କ ପୁତ୍ର ତେବେ ନିଜକୁ
ତଳକୁ ଫିଙ୍ଗି ପକାଅ, ଶୟତାନ ଯୀଶୁଙ୍କୁ କହିଲା ।
ତାଙ୍କର ବାକ୍ୟ କହେ ସେ ତାଙ୍କ ଦୂତ ମାନଙ୍କ
ଦ୍ୱାରା ତୁମକୁ ରକ୍ଷା କରିବେ ।



କଦାପି ନୁହେଁ! ଯୀଶୁ ତହାଙ୍କୁ କହିଲେ । ଏହା ମଧ୍ୟ ବାକ୍ୟରେ ଲେଖାଯାଏ ... ଯେ ତୁମ୍ଭେ ଆପଣା ପରମେଶ୍ୱରଙ୍କୁ କେବହେଁ ପରିକ୍ଷା କରିବ ନାହିଁ ।





ଶୟତାନ ପୂନର୍ବାର ଚେ଼ଷ୍ଟା କଲା,  ସେ ଯୀଶୁଙ୍କୁ ସହରର
ବାହାରେ ପର୍ବତର ଏକ ଉଛ ସ୍ଥାନକୁ ନେଇଗଲା ।

ସେଠାରୁ ସେ ଜଗତର ସମସ୍ତ ଦେଶ ଓ ସୌନ୍ଦର୍ଯ୍ୟକୁ ଦେଖାଇଲା, ଶୟତାନ କହିଲା, ମୁ ଏହି ସମସ୍ତ ତୁମ୍ଭକୁ ଦାନ କରିବି, ଯଦି ତୁମ୍ଭେ ମୋତେ କେବଳ ପ୍ରଣାମ କରିବ ।



ଦୂରହୁଅ ଶୟତାନ୍, ଯୀଶୁ ତାହାକୁ ଆଜ୍ଞା ଦେଲେ । ଏହା ଲେଖାଯାଏ ତୁମ୍ଭେ ଆପଣା ପରମେଶ୍ୱରଙ୍କୁ ପ୍ରଣାମ କରିବ ଓ ତାହାଙ୍କର ଆରାଧନା କରିବ ।



କିଛି ସମୟ ନିମନ୍ତେ ଶୟତାନ
ଯୀଶୁଙ୍କୁ ପରିତ୍ୟାଗ କରି ଚାଲିଗଲା ।
ତାହାପରେ କିଛି ଅଦ୍ଭୁତ କର୍ମ
ଦେଖାଗଲା । ପରମେଶ୍ୱର
ଯୀଶୁଙ୍କୁ ସାନ୍ତ୍ୱନା ଓ ସେବା
କରିବା ନିମନ୍ତେ ନିଜର
ଦୂତମାନଙ୍କୁ ପ୍ରେରଣ
କଲେ । ଯେ କି
ଶୟତାନର
ଆଜ୍ଞାକୁ ପାଳନ
କଲେ ନାହିଁ ।



ଯୀଶୁଙ୍କ ନିମନ୍ତେ ଏକ ଭୟଙ୍କର ସମୟ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାଥିଉ ୪, ଲୂକ ୪

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ
ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ ।
ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ,
ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ
ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ
ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ
ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯ୍ୟନ୍ତ ବାସ
କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୂପ ଧାରଣ
କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ
ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି ।
ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ
କଥୋପକଥନ ହୁଅନ୍ତୁ । ଯୋହନ ୩:୧୬